ଗ୍ରାମୀଣ କୃଷି ମୌସମ ସେବା

ଭାରତ ପାଣିପାଗ ବିଭାଗ, ଏ.ଏମ.ଏଫ.ୟୁ. – ସେମିଳିଗୁଡା

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଆଞ୍ଚଳିକ ଗବେଷଣା ଓ ବୈଷୟିକ ଜ୍ଞାନକୌଶଳ ପ୍ରସାରଣ କେନ୍ଦ୍ର

ସେମିଳିଗୁଡା, ପି. ବି.-୧୦, ସୁନାବେଡା, କୋରାପୁଟ, ଓଡ଼ିଶା- ୭୬୩୦୦୨

ସପ୍ତାହ କ୍ର.ସଂ.-୦୮ | **ପାଣିପାଗ ଜନିତ କୃଷି ଉପଦେଶ** | ତାରିଖ – ୨୦.୦୨.୨୦୧୮

## ଜିଲ୍ଲା- ନବରଙ୍ଗପୁର (ଇଷ୍ଟର୍ନ ଘାଟ ହାଇ ଲ୍ୟାଣ୍ଡ ଜୋନ)

## ଆସନ୍ତା ପାଞ୍ଚ ଦିନର (୨୧.୦୨.୨୦୧୮ ଠାରୁ ୨୫.୦୨.୨୦୧୮) ପାଣିପାଗର ପୂର୍ବାନୁମାନ

(ଏମ.ସି.,ଆଇ.ଏମ.ଡି., ଭୁବନେଶ୍ୱର ଅନୁଯାୟୀ)

ଆସନ୍ତା ସପ୍ତାହରେ ବର୍ଷା ହେବାର ସମ୍ଭାବନା ନାହିଁ । ଆକାଶ ମୁଖ୍ୟତ ଶୁଖିଲା ରହିବ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଦିନର ସର୍ବାଧିକ ତାପମାତ୍ରା ୩୬ ଡିଗ୍ରୀ ସେ. ଏବଂ ସର୍ବନିମ୍ନ ତାପମାତ୍ରା ୧୮ ଡିଗ୍ରୀ ସେ. ରହିବାର ସମ୍ଭାବନା ଅଛି । ସର୍ବାଧିକ ଏବଂ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ଶତକଡ଼ା ୩୪ ରୁ ୬୬ ଭାଗ ଏବଂ ୧୧ ରୁ ୧୫ ଭାଗ ରହିବାର ସମ୍ଭାବନା ଅଛି ।

| ତାରିଖ | ୧୭.୦୨.୧୮ | ୧୮.୦୨.୧୮ | ୧୯.୦୨.୧୮ | ୨୦.୦୨.୧୮ | ୨୧.୦୨.୧୮ |
|---|---|---|---|---|---|
| ବୃଷ୍ଟିପାତ (ମି.ମି.) | ୦ | ୦ | ୦ | ୦ | ୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ୩୪ | ୩୫ | ୩୫ | ୩୬ | ୩୬ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ୧୮ | ୧୮ | ୧୮ | ୧୮ | ୧୮ |
| ମେଘାଛନ୍ନ | ୧ | ୦ | ୦ | ୦ | ୦ |
| ସର୍ବାଧିକ ଆର୍ଦ୍ରତା (%) | ୬୬ | ୬୨ | ୫୭ | ୫୦ | ୩୪ |
| ସର୍ବନିମ୍ନ ଆର୍ଦ୍ରତା (%) | ୧୫ | ୧୩ | ୧୧ | ୧୨ | ୧୧ |
| ପବନର ବେଗ (କି.ମି./ଘଣ୍ଟା) | ୫ | ୩ | ୬ | ୬ | ୫ |
| ପବନର ଦିଗ (ଡିଗ୍ରୀ) | ୨୦୦ | ୧୯୭ | ୧୮୨ | ୧୮୯ | ୧୯୭ |

## ପାଣିପାଗ ଭିତିକ କୃଷି ଉପଦେଶ

**ଡାଲୁଅ ଧାନ:**

- ଡାଲୁଅ ଧାନ ଚାଷ ପାଇଁ ସଅଳ ଓ ମଧ୍ୟମ କିସମ ବିହନ କୁ ଗଜା କରି ତଳି ଘେରା ରେ ପକାନ୍ତୁ ।
- ଧାନ ତଳି ତିନି ସପ୍ତାହ ର ହୋଇଗଲେ ମୁଖ୍ୟ ଜମିରେ ଲଗାନ୍ତୁ । ଏକର କୁ ୮ କୁଇଣ୍ଟାଲ ଗୋବର ଖତ ପ୍ରୟୋଗ କରନ୍ତୁ । ମଧ୍ୟମ କିସମରେ ୩୫ କିଲୋ ଡ.ଏ.ପି. ଓ ୧୩ କିଲୋ ଏମ.ଓ.ପି. ଏବଂ ସଅଳ କିସମରେ ୨୫ କିଲୋ ଡ.ଏ.ପି. ଓ ୧୦ କିଲୋ ଏମ.ଓ.ପି. ସାର ପ୍ରୟୋଗ କରନ୍ତୁ ।
- ଅମଳ ପରେ ଧାନକୁ ଭଲଭାବେ ଖରାରେ ଶୁଖାଇ ଶତକଡା ୧୨ ରୁ ୧୩ ଭାଗ ଜଳୀୟଅଂଶ ଅବସ୍ଥାରେ ସାଇତି ରଖନ୍ତୁ ।

**ପିଆଜ:**

- ପିଆଜ ଚାରା ୮ ସପ୍ତାହ ହୋଇଗଲେ ମୁଖ୍ୟ ଜମିରେ ଲଗାନ୍ତୁ, ଏକରକୁ ୨ ଟନ ଗୋବର ଖତ, ୨୭ କିଲୋ ୟୁରିଆ, ୪୩ କିଲୋ ଡ.ଏ.ପି., ୩୩ କିଲୋ ଏମ.ଓ.ପି. ଓ ୨୦ କିଲୋ ସଲଫର ପ୍ରୟୋଗ କରନ୍ତୁ ।

**ଟମାଟୋ :**

- ୬–୭ ସପ୍ତାହ ଅବସ୍ଥା ରେ କୋଡା ଖୋସା କରି ଘାସ ବାଛି ଦିଅନ୍ତୁ ଓ ୫୪ କିଲୋ ୟୁରିଆ ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ । ଏହା ପରେ ହାଲୁକା ଜଳସେଚନ କରନ୍ତୁ ।

- ଟମାଟୋ ର ପତ୍ର ମୋଚା ରୋଗ ନିୟନ୍ତ୍ରଣ ପାଇଁ ଧଳା ମାଛି ନିୟନ୍ତ୍ରଣ କରନ୍ତୁ । ଏହାର ନିୟନ୍ତ୍ରଣ ପାଇଁ ଏକର କୁ ୪୦୦ ଗ୍ରାମ ଏସିଫେଟ ୭୫ % ଏସପି କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ ୧୭.୮ % ଏସଏଲ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

<u>ପନିପରିବା ଫସଲ:</u>

- ବର୍ତମାନ ପାଗରେ ପନିପରିବା ଫସଲରେ ଚିତ୍ତାରୋଗ (ବ୍ଲାଇଟ) ଦେଖାଦେବାର ସମ୍ଭାବନା ଥାଏ । ନିୟନ୍ତ୍ରଣ କରିବା ପାଇଁ ମେନକୋଜେବ ୭୫% WP ୨ ଗ୍ରା./ଲିଟର ପାଣିରେ ସିଞ୍ଚନ କରନ୍ତୁ ।
- ବର୍ତମାନ ପାଗରେ ତଳି ଓ ମୁଖ୍ୟ ଫସଲରେ ମୂଳ ପଚା ରୋଗ ଦେଖାଦେବାର ସମ୍ଭାବନା ଥାଏ, ମୂଳ ପଚା ରୋଗ ଦାଉରୁ ରକ୍ଷା କରିବା ପାଇଁ ପ୍ରତି ଲିଟର ପାଣିରେ ୪ ଗ୍ରା. କପର ଅକ୍ସିକ୍ଲୋରାଇଡ ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ, ଯେପରିକି ମାଟି ଭଲଭାବେ ଭିଜିପାରିବ ।

<u>ଡାଲି ଜାତୀୟ ଫସଲ:</u>

- ଉଚ୍ଚଜମିରେ ଡାଲି ଜାତୀୟ ଫସଲ ବିରି ଏବଂ ମୁଗ ବୁଣିବା କାମ ପୁରା କରନ୍ତୁ । ବିରି ପାଇଁ କିସମ – T ୯, PU ୧୧, PU ୧୯ ଏବଂ PU ୩୦; ମୁଗ ପାଇଁ କିସମ - K ୮୫୧, PDM ୧୧, PDM ୫ ଏବଂ OUM ୧୧୫ ଲଗାନ୍ତୁ । ଏକର ପ୍ରତି ୧୦ କି.ଗ୍ରା. ବିହନ ବ୍ୟବହାର କରନ୍ତୁ । ବୁଣିବା ପୂର୍ବରୁ ବିହନ ସହିତ ରାଇଜୋବିୟମ କଲଚରକୁ ମିଶାଇ  ଜମିରେ ବୁଣନ୍ତୁ ।
- ଜମିରେ ମୂଳସାର ଭାବେ ୪ କି.ଗ୍ରା. ୟୁରିଆ, ୩୫ କି.ଗ୍ରା. ଡି.ଏ.ପି. ଏବଂ ୧୩ କି.ଗ୍ରା. ଏମ.ଓ.ପି. ପ୍ରୟୋଗ କରନ୍ତୁ । ୩୦ x ୧୦-୧୫ ସେ.ମି. ବ୍ୟବଧାନ ରଖି ୩ ସେ.ମି. ଗଭୀରରେ ମଞ୍ଜି ବୁଣନ୍ତୁ ।
- ମୁଗ ଓ ବିରି ରେ ପତ୍ର ଖିଆ ପୋକ ଦମନ ପାଇଁ ଏକର କୁ ୪୦୦ ମିଲି ଟ୍ରାଇଜୋଫସ ଔଷଧ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

<u>ତୈଳବୀଜ ଜାତୀୟ ଫସଲ:</u>

- ରାଶି ବୁଣିବା ପାଇଁ କିସମ ପ୍ରାଚୀ, କଳିକା, କନକ, ବିନାୟକ, ଅମୃତ ଅଥବା ନିର୍ମଳା ସଂଗ୍ରହ କରନ୍ତୁ ।
- ଶୀତଦିନିଆ ଚିନାବାଦାମ ଲଗାଇବା ପାଇଁ ଠିକ ସମୟ । ଧାଡ଼ିକୁ ଧାଡ଼ି ଦୂରତା ୩୦ ସେ.ମି. ଏବଂ ଗଛକୁ ଗଛ ଦୂରତା ୧୦-୧୫ ସେ.ମି. ରଖନ୍ତୁ । ଏକର ପିଛା ୫୦  କି.ଗ୍ରା ମଞ୍ଜି ବ୍ୟବହାର କରନ୍ତୁ । ବୁଣିବାର ପୂର୍ବରୁ ପ୍ରତି ୫୦ କି.ଗ୍ରା ମଞ୍ଜି ପାଇଁ ୬୦୦ ଗ୍ରା. ରାଇଜୋବିଯମ କଲଚରକୁ ମିଶାଇ ବୁନନ୍ତୁ । ଲଗାଇବାବେଳେ ଏକର ପିଛା ୪ କି.ଗ୍ରା ୟୁରିଆ, ୩୫ କି.ଗ୍ରା. ଡି.ଏ.ପି. ଏବଂ ୨୭ କି.ଗ୍ରା. ଏମ.ଓ.ପି., ୧୦ କି.ଗ୍ରା ଜିଙ୍କ ସଲଫେଟ ଏବଂ ୪ କି.ଗ୍ରା ବୋରାକ୍ସକୁ  ମୂଳସାର ଭାବେ ପ୍ରୟୋଗ କରନ୍ତୁ ।

<u>ବିଶେଷ ଦ୍ରଷ୍ଟବ୍ୟ:</u> ଆବଶ୍ୟକ ସହାୟତା ଏବଂ ସୂଚନା ପାଇଁ ନିକଟବର୍ତୀ କେ.ଭି.କେ ବୈଜ୍ଞାନିକ ଓ ରାଜ୍ୟର କୃଷି ଅଫିସର ସହିତ ସମ୍ପର୍କ କରନ୍ତୁ।

---

ଡଃ. କେଦାରଣ୍ୱର ପ୍ରଧାନ

(ନୋଡ଼ାଲ ଅଫିସର)